# ପିକକ୍ ର  ଫନି ସହାୟତା କାର୍ଯ୍ୟକ୍ରମ

ପିକକ୍ ଦ୍ୱାରା ପ୍ରସ୍ତୁତ ଶିଶୁ ଅନୁକୂଳ ସ୍ଥାନ ବ ଶ୍ରଦ୍ଧାଭବନ କୁ ଆସି 12 ବର୍ଷର ପିଲା ସୂର୍ଯ୍ୟକାନ୍ତ ଭୋଇ ର  ଅଭ୍ୟାସରେ ଆସିଛି ବହୁତ ପରିବର୍ତ୍ତନ, ସେ ପାନ, ଗୁଟକା, ବିଡି ଆଦି ବ୍ୟବହାର କରିବା ଛାଡି ଦେଇଛି ଓ ପ୍ରତିଦିନ ସ୍କୁଲ ଯାଉଛି। ସେହିପରି ୧୨ ବର୍ଷର ଝିଅ ଲିପସା ଭୋଇ ର ଡର ଏହି ଶ୍ରଦ୍ଧାଭବନ କୁ ଆସି ଅନ୍ୟ ପିଲାମାନଙ୍କ ସହିତ ମିଶିବା, ଖେଳିବା  ଦ୍ୱାରା ଛାଡି ଯାଇଥିଲା ଓ ସେ ପୂର୍ବ ପରି ସ୍ୱାଭାବିକ ଅବସ୍ଥା କୁ ଫେରିଆସି ପାରିଥିଲା । କେବଳ ଲିପସା ବା ସୂର୍ଯ୍ୟକାନ୍ତ ନୁହନ୍ତି ଆହୁରି ଅନେକ ପିଲା ଏହି ଶ୍ରଦ୍ଧାଭବନ ଦ୍ୱାରା ଉପକୃତ ହୋଇଛନ୍ତି ।

ସାମୁଦ୍ରିକ ବାତ୍ୟା "ଫନି" ଉପକୂଳ ଓଡିଶାକୁ ଶୋଚନୀୟ ରୂପେ କ୍ଷତିଗ୍ରସ୍ତ କରିଥିଲା। ବିଶେଷକରି ଏହା ପୁରୀ ଓ ଖୋର୍ଦ୍ଧା ଜିଲ୍ଲାକୁ  ଅଧିକ ମାତ୍ରାରେ ପ୍ରଭାବିତ କରିଥିଲା। ଅନେକ ବୃକ୍ଷରାଜି ଉପୁଡିଯିବା ସହିତ, ବିଦ୍ୟୁତ୍, ଟେଲିଫୋନ, ସଡକ ଭିତ୍ତିଭୂମି ନଷ୍ଟ ହୋଇଯାଇଥିଲା। ମାତ୍ର ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ଅକ୍ଲାନ୍ତ ଉଦ୍ୟମ ଫଳରେ ବହୁ ଧନ ଜୀବନ କୁ ରକ୍ଷା କରାଯାଇ ପାର୍ ଥିଲା। ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟରେ ଅତ୍ୟନ୍ତ ସକ୍ରିୟ ଭାବରେ ଅଂଶଗ୍ରହଣ କରି ପିପୁଲ୍ସ କଲଚରାଲ ସେଣ୍ଟର (ପିକକ୍), ଓଡିଶାର ଏକ ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ, ବିପନ୍ନ ପରିବାରଙ୍କୁ ସାହାର୍ଯ୍ୟ ଓ ସହାୟତା ପ୍ରଦାନ କରିବା ସହିତ ଶିଶୁ ମାନଙ୍କ ସୁରକ୍ଷା ପ୍ରଦାନ ଦିଗରେ ମଧ୍ୟ ଏହା ବେଶ୍ ଯତ୍ନବାନ୍ ହୋଇଥିଲା। ବାତ୍ୟା ଯୋଗୁଁ ଘର ଦ୍ୱାର ଭାଙ୍ଗି ଯାଇଥିବା ପରିବାର ଓ ଅସୁରକ୍ଷିତ ହୋଇପଡିଥିବା ଶିଶୁ ମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଶିଶୁ ଅନୁକୂଳ ସ୍ଥାନ (ଚାଇଲ୍ଡ ଫ୍ରେଣ୍ଡଲି ସ୍ପେସ) ପ୍ରସ୍ତୁତ କରାଯାଇଥିଲା । ଏହାକୁ ଶ୍ରଦ୍ଧା ଭବନ ନାମରେ ନାମିତ କରଯାଇଥିଲା।  ସେଠାରେ ପିଲାମାନେ ପିକକ୍ ପକ୍ଷରୁ ଯୋଗାଇଦିଆଯାଇଥିବା ଖେଳସାମଗ୍ରୀ ରେ ଖେଳିବା ସହିତ ନାଚ, ଗୀତ, ଗପ ମାଧ୍ୟମରେ ସେମାନଙ୍କର ମନୋରଞ୍ଜନ କରୁଥିଲେ ଓ ବିଭିନ୍ନ ବିଷୟରେ ଶିକ୍ଷାଲାଭ ମଧ୍ୟ କରୁଥିଲେ  ।  ସେମାନଙ୍କ ପାଇଁ ବାତ୍ୟାର ପ୍ରଭାବକୁ ଭୁଲିବା ନିମନ୍ତେ ଶ୍ରଦ୍ଧାଭବନ ରେ ସ୍ୱତନ୍ତ୍ର ପରାମର୍ଶର ବ୍ୟବସ୍ଥା ମଧ୍ୟ ରହିଥିଲା । ପିଲାମାନଙ୍କୁ ମୁଖ୍ୟ ସ୍ରୋତ କୁ ଫେରାଇବା ପାଇଁ ସେମାନଙ୍କ ମଧ୍ୟରେ ପାଠ ପ୍ରତି ଆଗ୍ରହ ସୃଷ୍ଟିକରାଯାଇ ବିଦ୍ୟାଳୟ ଖୋଲିବା ପରେ ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇବାରେ ସହଯୋଗ ମଧ୍ୟ କରଯାଇଥିଲା ।  ପିଲାମାନେ ଏହି  ଶିଶୁ ଅନୁକୂଳ ସ୍ଥାନ ବା ଶ୍ରଦ୍ଧା ଭବନ ରେ ନିରାପଦରେ ସମୟ କାଟୁଥିଲେ। ଏହାଦ୍ୱାରା ପିଲାମାନଙ୍କୁ ବାତ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ବିପଦପୂର୍ଣ ପରିବେଶରୁ ରକ୍ଷା କରାଯାଇ ପାରିଥିଲା। ଏହି ଶ୍ରଦ୍ଧାଭବନ କୁ ଆସି ୧୨ ବର୍ଷ ର ପିଲା ସୂର୍ଯ୍ୟକାନ୍ତ ଭୋଇର ଅଭ୍ୟାସରେ ବହୁତ ପରିବର୍ତ୍ତନ ଆସିଥିଲା ସେ ପାନ, ଗୁଟକା, ବିଡି ଆଦି ବ୍ୟବହାର କରିବା ଛାଡି ଦେଇଛି ଓ ପ୍ରତିଦିନ ସ୍କୁଲ ଯାଉଛି ।  ତିରଣପଦା ଗାଁ ର ୧୨ ବର୍ଷର ଝିଅ ଲିପସା ଭୋଇ ର ଡର ଏହି ଶ୍ରଦ୍ଧାଭବନ କୁ ଆସି ଅନ୍ୟ ପିଲାମାନଙ୍କ ସହିତ ମିଶିବା, ଖେଳିବା  ଦ୍ୱାରା ଛାଡି ଯାଇଥିଲା । ସେ ପୂର୍ବ ପରି ସ୍ୱାଭାବିକ ଅବସ୍ଥା କୁ ଫେରିଆସି ପାରିଥିଲା ।

ବାଲିଅନ୍ତା ର ଅଧିକାଂଶ ଗ୍ରାମରେ ବାସଗୃହ ଭାଙ୍ଗିଯିବା ଫଳରେ ପିଲାମାନଙ୍କର ପାଠ ଉପକରଣ ନଷ୍ଟ ହୋଇଯାଇଥିଲା । ଶ୍ରମଜୀବୀ ଲୋକେ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧର କାର୍ଯ୍ୟ ରେ ବ୍ୟସ୍ତ ଥିଲାବେଳେ ପିଲାମାନେ  ଶ୍ରଦ୍ଧା ଭବନ ରେ ରହୁଥିଲେ।  ପିକକ୍ ପକ୍ଷରୁ ବାଲିଅନ୍ତା ରେ ୭ ଟି ଓ ଖୋର୍ଦ୍ଧା ମୁନିସିପାଲିଟିରେ ୫ ଟି, ମୋଟ ୧୨ ଟି ଶିଶୁ ଅନୁକୂଳ ସ୍ଥାନ କରଯାଇଥିଲା।  ପିଲାମାନେ  ସେଠାରେ ସକାଳ ୯ ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ସମୟ ଅତିବାହିତ କରୁଥିଲେ। ସେଠାରେ ସେମାନଙ୍କୁ କିଛି କିଛି ଶିକ୍ଷା ମଧ୍ୟ ଦିଆଯାଉଥିଲା । ବାଲିଅନ୍ତା ର ଗଣ୍ଡିଲୋ, ତିରଣପଦା, ଗୋହଳ, ଗୋତଳଗ୍ରାମ ସମେତ ଅନ୍ୟ କେତେକ ଗ୍ରାମରେ ଅସ୍ଥାୟୀ ଭାବେ ୪୬୯ ଶିଶୁଙ୍କୁ ଏଭଳି କେନ୍ଦ୍ରରେ ନାଚଗୀତ, ଖେଳକୁଦ, ସ୍ୱାସ୍ଥ୍ୟରକ୍ଷା ଆଦି ସମ୍ବନ୍ଧରେ ଶିକ୍ଷା ଦିଆଯାଉଥିଲା।

ପରିସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିବା ପର୍ଯ୍ୟନ୍ତ ପିକକ୍ ପକ୍ଷରୁ ଖୋର୍ଦ୍ଧା ମୁନିସିପାଲିଟି, ଭୁବନେଶ୍ୱର, ବାଲିଅନ୍ତା, ଓ ନିମାପଡା ବ୍ଲକ୍ ରେ ୧୭ ଟି କମୁନିଟି କିଚେନ୍ ମାଧ୍ୟମରେ ୪୬୬୦ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇଦିଆଯିବା ସହିତ ମୋଟ ୫୭୧୯ ପରିବାରକୁ ଶୁଖିଲା ଖାଦ୍ୟ ଯଥା ଚୁଡା, ଛତୁଆ, ଡାଲି, ଚାଉଳ, ଲୁଣ ଇତ୍ୟାଦି ଓ ଅନ୍ୟାନ ରିଲିଫ ସହାୟତ  ଯୋଗାଇଦିଆଯାଇଥିଲା । ଏତତ୍ ବ୍ୟତିତ ୨୦ ଟି ସ୍ୱାସ୍ଥ୍ୟ ଶିବିରରେ ୧୬୩୦ ଜଣକୁ ଚିକିତ୍ସା ପ୍ରଦା କରଯାଇଥିଲା। ୨୬୫୦ ପରିବାରକୁ ପଲିଥିନ, ୮୦୦ ପରିବାରକୁ ମଶାରୀ, ୪୧୫ ସ୍କୁଲ ପିଲାଙ୍କୁ ବ୍ୟାଗ୍ ଓ ପାଠ୍ୟ ଉପକରଣ, ୧୬୯୩ କିଶୋରୀ ବାଳିକା ମାନଙ୍କୁ ୫୧୭୯ ସାନିଟାରି ନାପକିନ୍, ୧୪୦ ପରିବାରଙ୍କୁ ସୋଲାର ଲଣ୍ଠନ,   ୧୪୦୦ ପିଲାଙ୍କୁ ୧୪୦୦ ପ୍ୟାକେଟ୍ ବିସକୁଟ୍ ପ୍ରଦାନ କରଯାଇଥିଲା। ଏଥି ସହିତ ବାଲିଅନ୍ତା ର ୧୦୦ ପରିବାରଙ୍କୁ ପାକଶାଳା ବଗିଚା ସହାୟତା ଓ ୧୪୫୦ ବୃକ୍ଷ ମଧ୍ୟ ରୋପଣ କରଯାଇଥିଲା। ଏଥି ସହିତ ପୁରୀ ଜିଲ୍ଲା ର ବ୍ରହ୍ମଗିରୀ ବ୍ଲକ ଅଧୀନରେ ଥିବା ମହିଷା ଗ୍ରାମର ୨୮୯ ପରିବାରକୁ ସାନିଟାରି କିଟ୍ (ବାଲଟି, ମଗ ଓ ମଶାରୀ) ମଧ୍ୟ ପ୍ରଦାନ କରଯାଇଥିଲା।  ଫନି ପରେ ସୃଷ୍ଟି ହୋଇଥିବା ଅସ୍ୱସ୍ଥିକର ପରିବେଶରୁ ଲୋକମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ବାଲିଅନ୍ତା ବ୍ଲକ ର ୩୦ ଟି ଗ୍ରାମ, ଜଟଣୀ ବ୍ଲକ ର ୧ ଟି ଗ୍ରାମ ଓ ଖୋର୍ଦ୍ଧା ମୁନିସିପାଲିଟି ର ୪ ଟି ଗ୍ରାମରେ ରେ ସ୍ୱଚ୍ଛତା ଅଭିଯାନ କରାଯାଇ ନଳକୂପ ଓ ଅନ୍ୟାନ ଜଳସ୍ରୋତ ମାନଙ୍କୁ ବ୍ଲିଚିଙ୍ଗ ଦେଇ ବିଶୋଧନ କରିବା ସହିତ

ପିଲାମାନଙ୍କୁ ହାତ ଧୋଇବା ଶିକ୍ଷା ଓ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଓ ପରିମଳ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏତତ୍ ବ୍ୟତିତ ବାତ୍ୟାରେ କ୍ଷତିଗ୍ରସ୍ତ ବାଲିଅନ୍ତା ବ୍ଲକ ର ଅଟଳା ଗ୍ରାମ ରେ ଥିବା ଅନନ୍ତ ଗୋପାଳ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ କୁ  ମଧ୍ୟ ହେଲ୍ପ ଫର ଚିଲ୍ଡ୍ରେନ ଇନ୍ ନିଡ୍ ଫାଉଣ୍ଡେସୋନ, ପୁନେ ର ସହଯୋଗରେ ପୁନଃନିର୍ମାଣ  କରାଯାଉଛି। ପିକକ୍ କୁ ଏହି କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଡେରେ ଦେଶ୍ ହୋମସ୍ (ଜର୍ମାନୀ), ଏଇଆଇଏନ, ଆଡପ୍ସନ ସେଣ୍ଟ୍ରମ, ହିନ୍ଦୁସ୍ଥାନ କୋକାକୋଲା ବେଭେରେଜେସ୍ ପ୍ରା. ଲିଃ, ଆନାଲୋଗ ଡିଭାଇସେସ୍, ଏସଜିକେ, ସିଙ୍ଗାପୁର ଓଡିଆ ସୋସାଇଟି ଓ ବହୁ ସହୃଦୟ ବ୍ୟକ୍ତି ସହଯୋଗ କରିଥିଲେ। ପିକକ୍ ର କର୍ମଚାରୀ ମାନେ ମଧ୍ୟ ସେମାନଙ୍କର ଗୋଟିଏ ଦିନର ବେତନ ପ୍ରଦାନ କରି ଏଥିପାଇଁ ସହଯୋଗ କରିଛନ୍ତି ।